# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17th April - 2025

*******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାପାଇଁ ୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୯ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ।

— ରାଜ୍ୟରେ ୫ ହଜାର କୋଟି ଟଙ୍କାର ବାଇପାସ ପ୍ରକଳ୍ପ ସମ୍ପର୍କରେ କଲେ ଘୋଷଣା ।

- ଓଡ଼ିଶା ବିଧାନସଭାର କାର୍ଯ୍ୟଶୈଳୀକୁ ଅନୁକରଣ କରିବ ଦିଲ୍ଲୀ ବିଧାନସଭା; କହିଲେ ଦିଲ୍ଲୀ ବିଧାନସଭା ବାଚସ୍ପତି ।

- ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସରେ ନିଯୁକ୍ତ ପୁଲିସ୍ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି କଲେ ରାଜ୍ୟ ସରକାର ।

ଏବଂ

- ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସମ୍ଭାବନା; ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

BBSR/R

# ନୀତିନ ଗଡ଼କରୀ - ଓଡ଼ିଶା ଗସ୍ତ

ରାଜ୍ୟର ବିକାଶ ପାଇଁ ୪ ପ୍ରକାରର ବିଶ୍ୱସ୍ତରୀୟ ଭିତ୍ତିଭୂମି - ଜଳ, ଶକ୍ତି, ଗମନାଗମନ ଓ ଯୋଗାଯୋଗ ଜରୁରୀ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆଜି ଅପରାହ୍ଣରେ ୪ ହଜାର ୧୭୩ କୋଟି ଟଙ୍କାର ୧୯ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରି ଶ୍ରୀ ଗଡ଼କରୀ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଆଗାମୀ ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଶେଷ କରାଯିବ, ଯାହାଦ୍ୱାରା ଓଡ଼ିଶାର ରାସ୍ତାଗୁଡ଼ିକ ଆମେରିକା ରାଜପଥର ସମତୁଲ ହୋଇପାରିବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

***Voice*** :........

ଏହି ଅବସରରେ ଶ୍ରୀ ଗଡ଼କରୀ ସି.ଆର୍.ଆଇ.ଏଫ୍. ପାଣ୍ଠି ବାବଦରେ ୮ ଶହ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସେହିଭଳି ପ୍ରାୟ ୫ ହଜାର କୋଟି ଟଙ୍କାର ବାଇପାସ୍ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାର ବିକାଶରେ ଏକ ନୂତନ ପର୍ବ ଯୋଡ଼ିହୋଇଛି । ସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ  ଯୋଗାଯୋଗ ସୁଦୃଢ଼ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର-ପୁରୀ ୮ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ

ଦିଆଯାଇଛି । ସେହିଭଳି କୋଷ୍ଟାଲ୍ ହାଇୱେକୁ ୪ ଲେନ୍ ବିଶିଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା କହିଛନ୍ତି ।

***Voice :........***

ଆଜି ସକାଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ । ଡକ୍ଟର ମହତାବଙ୍କ ସ୍ମୃତିରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍କର୍ଷ କେନ୍ଦ୍ର ଗଠନ, ଭୁବନେଶ୍ୱର, ହୀରାକୁଦ ଓ ହଦଗଡ଼ଠାରେ ମହତାବ ସ୍ମାରକୀ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ ।

***BBSR/R***

## ଦିଲ୍ଲୀ ବିଧାନସଭା ବାଚସ୍ପତି

ଦିଲ୍ଲୀ ବିଧାନସଭା ଓଡ଼ିଶା ବିଧାନସଭାର କାର୍ଯ୍ୟଶୈଳୀକୁ ଅନୁକରଣ କରିବ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା କହିଛନ୍ତି । ବାଚସ୍ପତି ବିଜେନ୍ଦର ଗୁପ୍ତା, ଉପବାଚସ୍ପତି ମୋହନ ସିଂହ ବିଷ୍ଟଙ୍କ ସମେତ ଆଜି ଏକ ୭ ଜଣିଆ ଦଳ ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି । ଏହି ଅବସରରେ ଏହି ଦଳ ବାଚସ୍ପତି ସୁରମା ପାଢ଼ୀଙ୍କ ସହ କାଗଜବିହୀନ ବିଧାନସଭା କାର୍ଯ୍ୟାବଳୀ ପ୍ରସ୍ତୁତି

ସମ୍ପର୍କରେ ଆଲୋଚନା କରିଛନ୍ତି । ବିଧାନସଭା ଆଲୋଚନା, ତଥ୍ୟ ଏବଂ ନିଷ୍ପତ୍ତିଗୁଡ଼ିକ ଯଥାଶୀଘ୍ର ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ।

***Desk***

# ପାରିଶ୍ରମିକ ବୃଦ୍ଧି

ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ୍‌ରେ ନିଯୁକ୍ତ ପୁଲିସ୍ କର୍ମଚାରୀଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ସିପାହୀମାନଙ୍କ ମାସିକ ପାରିଶ୍ରମିକ ୩୦ ହଜାରରୁ ୪୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ନାଏକ ଓ ହାବିଲଦାରଙ୍କ ପାରିଶ୍ରମିକ ୩୨ ହଜାରରୁ ୫୦ ହଜାର, ଜୁନିୟର କମିଶନ୍ ଅଫିସରଙ୍କ ପାରିଶ୍ରମିକ ୪୦ ହଜାରରୁ ୫୫ ହଜାରକୁ ବୃଦ୍ଧି କରାଯାଇଛି। ସୂଚନା ଅନୁସାରେ, ଷ୍ଟ୍ରାଇକିଂ ଫୋର୍ସରେ ସେବାନିବୃତ୍ତ ସେନା କର୍ମଚାରୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର କର୍ମଚାରୀ ମାନେ ନିଯୁକ୍ତ ହୋଇଥା'ନ୍ତି ।

*Desk*

# ନୂତନ ପଦବି

ରାଜ୍ୟର ଟ୍ରାଫିକ୍ ଓ ସଡକ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ଟ୍ରାଫିକ୍ ଶାଖାରେ ୨ ହଜାର ନୂତନ ପଦବୀ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ଟି ନୂତନ ପଦବୀ ସହ ଜିଲ୍ଲାସ୍ତରରେ ୧ ହଜାର ୯୩୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ପଦବୀ ଫଳରେ ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ହେବା ସହ ସଡକ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି।

*PIB*

# ୱେଭ୍ - ଏକ୍ସ

ୱେଭ୍-ଏକ୍ସ-୨୦୨୫ରେ ଅଧିକ ଅଂଶଗ୍ରହଣକାରୀ ଓ ଅଭିନବତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଯୋଗ୍ୟତା ମାନଦଣ୍ଡ ସମ୍ପ୍ରସାରଣ

କରାଯାଇଛି । ଏହାସହ ଆବେଦନର ସମୟସୀମାକୁ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ବୃଦ୍ଧି କରାଯାଇଛି । ପରିବର୍ତ୍ତିତ ମାନଦଣ୍ଡରେ ୨୦୨୦ ବା ପରବର୍ତ୍ତୀ ଷ୍ଟାର୍ଟଅପ୍‌ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିପାରିବେ । ମନୋନୀତ ଷ୍ଟାର୍ଟଅପ୍‌ଗୁଡ଼ିକ କ୍ଲୋଜ୍‌ରୁମ୍ ପିଚିଂ ଅଧିବେଶନ, ଶୀର୍ଷ ଭେଞ୍ଚର କ୍ୟାପିଟାଲ୍ ସଂସ୍ଥା ମଧ୍ୟରେ ସ୍ଥାନ ପାଇବେ । ଏହାଦ୍ୱାରା ବିଶ୍ୱସ୍ତରୀୟ ଅଂଶୀଦାର, ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଓ ଗଣମାଧ୍ୟମ କମ୍ପାନୀ ସହ ଯୋଗାଯୋଗ ହୋଇପାରିବ । ସୂଚନାଯୋଗ୍ୟ, ମୁମ୍ବାଇରେ ଆସନ୍ତା ମାସ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ – ୱେଭ୍‌ସ୍‌ର ଆୟୋଜନ କରାଯାଉଛି ।

***Bhadrak/R***

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାର ୧୧୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଏବଂ ବାରାଣସୀର ପ୍ରମୁଖ ଧର୍ମସ୍ଥଳୀ ପରିଭ୍ରମଣ କରିବାର କାର୍ଯ୍ୟସୂଚୀ ରହିଛି ।

***Bhadrak/R***

# ଯାଞ୍ଚ୍ ପ୍ରକ୍ରିୟା

**ଭଦ୍ରକ** ଜିଲ୍ଲା ପରିବହନ ବିଭାଗ ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବେଆଇନ୍ ଗାଡି ଚଳାଚଳ ରୋକିବା ପାଇଁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାର ୭ଟି ବ୍ଲକ୍ ସମେତ ୪ଟି ପୌରାଞ୍ଚଳର ପ୍ରମୁଖ ସ୍ଥାନରେ ପହିବହନ ଅଧିକାରୀ ଓ ପୁଲିସ୍ ବିନା ହେଲ୍‌ମେଟ୍‌ରେ ଗାଡି ଚଳାଇବା, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ଆଦି ଘଟଣାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଜୋରିମାନା ଆଦାୟ କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡିଛି।

***Cuttack/R***

# ସମୀକ୍ଷା ବୈଠକ

କଟକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସତୀଚଉରାଠାରୁ ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ, ତ୍ରିଶୂଳିଆ ଛକରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ, ସି.ଡି.ଏ. ଅଞ୍ଚଳର ରାସ୍ତା ମରାମତି ସମ୍ପର୍କରେ ବାରବାଟୀ-କଟକ ବିଧାୟକ ସମୀକ୍ଷା କରି ଏହାକୁ ଶେଷ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Samblpur/R*

# ପୋଷଣ ପକ୍ଷ

ସମ୍ବଲପୁର ଜିଲ୍ଲା ଯୁଯୁମରା ବ୍ଲକ୍ ଅନ୍ତର୍ଗତ ମୁଣ୍ଡେରଠାରେ ପୋଷଣ ପକ୍ଷ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜୀବନର ପ୍ରଥମ ହଜାରେ ଦିନର ଗୁରୁତ୍ୱ, ହିତାଧିକାରୀ ପଞ୍ଜୀକରଣ ମଡ୍ୟୁଲ୍'ର ପ୍ରସାର, ପୁଷ୍ଟିହୀନ ଶିଶୁଙ୍କ ଗୋଷ୍ଠୀଭିତ୍ତିକ ପରିଚାଳନା ଓ ମେଦବହୁଳତାକୁ ପ୍ରତିହତ କରିବା ନିମନ୍ତେ ସୁସ୍ଥ ଜୀବନଶୈଳୀ ଅଭ୍ୟାସ ଉପରେ ମୁଖ୍ୟ ଜିଲ୍ଲା ପ୍ରକଳ୍ପ ଅଧିକାରୀ ମିନତୀ ଦାସ ଆଲୋକପାତ କରିଥିଲେ । ଏହି ଅବସରରେ ପୋଷଣ ଖାଦ୍ୟ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

*Dhenkanal/R*

# ଜନଶୁଣାଣି - ପଞ୍ଜୀକରଣ

ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ କାର୍ଯ୍ୟାଳୟଠାରେ ଆସନ୍ତା ସୋମବାର ଦିନ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିବିଶେଷମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲ୍‌ରେ ପଞ୍ଜୀକରଣ କରି ସ୍ଲଟ୍ ବୁକିଂ କରିବାପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ

ଶନିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଆବେଦନକାରୀମାନେ ଏହି ପୋର୍ଟାଲ୍‌ରେ ପଞ୍ଜୀକରଣ କରିପାରିବେ ।

***Boudh/R***

# ତୃତୀୟଲିଙ୍ଗୀ - ପ୍ରମାଣପତ୍ର

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତୃତୀୟଲିଙ୍ଗୀଙ୍କୁ ପରିଚୟ ଓ ପ୍ରମାଣପତ୍ର ବଣ୍ଟନ କରାଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲାରେ ଚହ୍ନଟ ହୋଇଥିବା ନୂତନ ତୃତୀୟଲିଙ୍ଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରାଯିବାପାଇଁ ସମସ୍ତ ପ୍ରକାର ସହଯୋଗ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

***Met. O.***

# ପାଣିପାଗ

କାଳବୈଶାଖୀର ପ୍ରଭାବରେ ଉତ୍ତର ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ବଜ୍ରପାତ ସହ

ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ବର୍ଷା ହେବା ସହ ଘଣ୍ଟାକୁ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****